## ତହସିଲଦାର ଭଣ୍ଡାରିପୋଖରୀ କାର୍ଯ୍ୟାଳୟ

## ଲଘୁ ଖଣିଜ ଦ୍ରବ୍ୟ ଉତ୍ସର ଦୀର୍ଘ ମିଆଦି ଲିଜ ସକାଶେ ବିଜ୍ଞାପନ

**ବିଜ୍ଞପ୍ତି ସଂଖ୍ୟା 1876 ତାରିଖ 24.08.2021**

ଏତଦ୍ ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ନିମ୍ନ ସୂଚି ପ୍ରଦତ ଲଘୁ ଖଣିଜ (ବାଲି) ଉତ୍ସ ଖାଦାନ ଟିକୁ 5 (ପାଞ୍ଚ) ବର୍ଷ ନିମନ୍ତେ ଦିର୍ଘ ମିୟାଦି ଲିଜ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ-2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ (ସଂଶୋଧନ)-2019 ରେ ବର୍ଣିତ ତିନି କିତା Form-M ପୂରଣ କରି ତତ୍ ସହିତ ନିମ୍ନ ଲିଖିତ ଆବଶ୍ୟକିୟ କାଗଜାତ ସଂଲଗ୍ନ କରି ଜଉ ମୁଦ ଲଫାପାରେ Regd.post/ Speed post ଜରିଆରେ ତହସିଲଦାର ଭଣ୍ଡାରିପୋଖରୀ, ସା/ପୋ-ଭଣ୍ଡାରିପୋଖରୀ ଜି- ଭଦ୍ରକ ପିନ-756120 ଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ sealed Tender Drop Box ରେ ଉକ୍ତ ବିଜ୍ଞପ୍ତି ପ୍ରକାଶନ ତାରିଖ ପରଦିନ ଠାରୁ ଆସନ୍ତା ତା **28.09.2021** ଦିବା 5.30 ଘଟିକା ସୁଦ୍ଧା ପକାଇପାରିବେ (ଛୁଟି ଦିନ ବ୍ୟତିତ) । ଲଫାପା ଉପରେ ସୈରାତ କେଶନଂ ଓ ଉତ୍ସର ନାମ ଉଲ୍ଲେଖ ହୋଇଥିବା ଆବଶ୍ୟକ । ପ୍ରାପ୍ତ ଦରଖାସ୍ତ ଗୁଡିକୁ ତା **29.09.2021** ରିଖ ଦିବା 11 ଘଟିକା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଙ୍କ ଉପସ୍ଥିତିରେ sealed Tender Drop Box ଖୋଲା ଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ନିଲାମ ଧାର୍ଯ୍ୟ ତାରିଖ ପୂର୍ବ ଦିନ ଅପରାହ୍ଣ 5.30 ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ ।

ଯଦି କୌଣସି କାରଣରୁ ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ନିଲାମ ନହୋଇପାରିଲା ତେବେ ପରବର୍ତ୍ତି ନିଲାମ ତାରିଖ କ୍ଷମତା ସମ୍ପନ୍ନ ଅଧିକାରୀ ଙ୍କ ଦ୍ୱାରା ସ୍ଥିର କରାଯାଇ ତହସିଲ କାର୍ଯ୍ୟାଳୟ ନୋଟିସ ବୋଡରେ ଜଣାଇଦିଆଯିବ । ଯଦି ପ୍ରଥମ ଦଫାରେ କୌଣସି ନିଦ୍ଦିଷ୍ଟ ସୌରାତ ଉତ୍ସ ପାଇଁ କୌଣସି ଦରଖାସ୍ତ ଗ୍ରହଣ କରାଯାଇନଥିବ ତେବେ ଦ୍ୱିତିୟ ଦଫା ଅର୍ଥାତ ତା 04.10.2021 ରିଖ ଅପରାହ୍ଣ 5.30 ଘଟିକା ସୁଦ୍ଧା ଉପରୋକ୍ତ ପ୍ରଣାଳିରେ ଦରଖାସ୍ତ ଗ୍ରହଣ କରାଯାଇ ତା 05.10.2021 ରିଖ ଦିବା 11 ଘଟିକା ସମୟରେ ନିଲାମ ପକ୍ରିୟା ସଂମ୍ପାଦନ କରାଯିବ ଓ ତୃତିୟ ଦଫା ଅର୍ଥାତ ତା 07.10.2021 ରିଖ ଅପରାହ୍ଣ 5.30 ଘଟିକା ସୁଦ୍ଧା ଉପରୋକ୍ତ ପ୍ରଣାଳିରେ ଦରଖାସ୍ତ ଗ୍ରହଣ କରାଯାଇ ତା 08.10.2021 ରିଖ ଦିବା 11 ଘଟିକା ସମୟରେ ନିଲାମ ପକ୍ରିୟା ସଂମ୍ପାଦନ କରାଯିବ । ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଏବଂ ଭଦ୍ରକ ଜିଲ୍ଲା Website (www.bhadrak.nic.in) link ମାଧ୍ୟମରେ ମଧ୍ୟ ସମସ୍ତ ସୂଚନା ପାଇପାରିବେ ।

24.8.21

ତହସିଲଦାର,ଭଣ୍ଡାରିପୋଖରୀ

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ ଓ କାଗଜାତ

1. ଦରଖାସ୍ତ ଫି ସକାଶେ ଟ 1000/- ( ଏକ ହଜାର ଟଙ୍କା) ର ଟ୍ରେଜେରି ଚାଲାଣ ଆବଶ୍ୟକ (Head of Account= 0853-non-Ferrous Mining and Metallurgical Industries-102-Mineral Concession Fees,Rent & Royalties) ଦାଖଲ କରିବେ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।
2. ଦରଖାସ୍ତକାରୀ ଙ୍କ ନାମରେ କୌଣସି ମାଇନିଙ୍ଗି ବାବଦକୁ ବକେୟା ଦେୟ ନଥିବା ନେଇ ଏକ ସତ୍ୟପାଠ ।
3. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ସର୍ବନିମ୍ନ royalty ଓ ସର୍ବନିମ୍ନ ଅତିରିକ୍ତ ଦେୟ ଶତକଡା 5 ଭାଗ ମୂଲ୍ୟ ର EMD ( Earnest Money Deposit) ତହସିଲଦାର ଭଣ୍ଡାରିପୋଖରୀ ଙ୍କ ନାମରେ Demand Draft ଦାଖଲ କରିବେ । EMD=5% of Annual MGQ×(Royalty + Minimum Addl.Charge)
4. ଆବେଦନକାରୀ 18 ମାସ ପର୍ଯ୍ୟନ୍ତ ବ୍ୟଧତା ଥିବା original Bank Guarantee / original Solvency Certificate ଦାଖଲ କରିବେ, ଯାହାର ମୂଲ୍ୟ = Annual MGQ×(Royalty+Offered Addl. Charge)
5. ଆବେଦନକାରୀ ତାଙ୍କର ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତିର ତାଲିକା ସଂଲଗ୍ନ କରିବେ ।
6. Income Tax Return ସମ୍ବନ୍ଧିୟ ଦସ୍ତାବିଜ ନକଲ ଦାଖଲ କରିବେ ।
7. ଆବେଦନ କରିଥିବା ସୌରାତ ଉତ୍ସର ତଫସିଲ ସହ ନକ୍ସା ଓ ଚୌହଦି ର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ ।
8. ଅନ୍ୟ ବିବରଣି ଯଥା ବୈଷୟିକ ଦକ୍ଷତା ତଥା ଉପଲବ୍ଧ ଥିବା ଯନ୍ତ୍ରପାତି ସମ୍ବନ୍ଧିୟ ଇତ୍ୟାଦି ର ତଥ୍ୟ ଦାଖଲ କରିବେ ।

## ସର୍ତ୍ତାବଳୀ

1. ଆବେଦନକାରୀ ଓଡିଶା ଖଣିଜ ଦ୍ରବ୍ୟ ରିହାତି ଆଇନ-2016 ଓ Amendment Rule-2019 ନିୟମା ବଳିର ପରିସର ଭୁକ୍ତ ରହିବେ ।
2. ସର୍ବୋଚ୍ଚ ଅତିରିକ୍ତ ଦେୟ ଦରଜ କରିଥିବା ଆବେଦନକାରୀ ଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ଆବେଦନକାରୀ ସମାନ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରି ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବା ।
3. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର 7 ଦିନ ମଧ୍ୟରେ ନିମ୍ନ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଜଣାଇଦିଆଯିବ । ସୂଚନା ପାଇବାର 15 ମଧ୍ୟରେ ଆବେଦନକାରୀ ସର୍ତ୍ତାବଳୀ ର ସମ୍ମତି ପ୍ରଦାନ କରିବା ସଙ୍ଗେ

ସମ୍ମତି ପ୍ରଦାନ ନ କରନ୍ତି କିମ୍ବା ଉକ୍ତ ଅମାନତ ରାଶି ଜମା ନକରନ୍ତି ତାଙ୍କ ଦ୍ୱାରା ଦାଖଲ ହୋଇଥିବା EMD କୁ ବାଜ୍ୟାପ୍ତି କରାଯିବ ଓ ଦ୍ୱିତୀୟ ସର୍ବାଧିକ ଆବେଦନକାରୀ ଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

4. ନିଲାମଧାରୀ ଚୟନ ପ୍ରକ୍ରିୟା ସମାପ୍ତ ପରେ ଅସଫଳ ଆବେଦନକାରୀ ଦାଖଲ କରିଥିବା EMD କୁ ଫେରସ୍ତ କରାଯିବା ସହିତ ଜଦି Bank Guarantee ଦାଖଲ କରିଥାନ୍ତି ତାହାକୁ ବିମୁକ୍ତ କରାଯିବ ।

5. ସଫଳ ନିଲାମଧାରୀ Mining Plan ପ୍ରସ୍ତୁତି ଖର୍ଚ୍ଚ ବହନ କରିବା ସହିତ ନିର୍ଧାରିତ ସମୟ ମଧ୍ୟରେ ନିଜ ଖର୍ଚ୍ଚ ରେ Environment Clearance Certificate and Regional Officer, State Pollution Control Board ଙ୍କ ନିକଟରୁ consent to Establish and consent to operate order ହାସଲ କରିବେ ।

6. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନଟିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

7. ନିଲାମ ପରେ ସୈରାତ ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

8. ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

9. ମାଇନିଙ୍ଗ ପ୍ଲାନ୍ ରେ ଦର୍ଶାଯାଇଥିବା ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ସହିତ Royalty ଓ ଦରଖାସ୍ତରେ ଦର୍ଶାଯାଇଥିବା ଅତିରିକ୍ତ ଦେୟର ସମଷ୍ଟି କୁ ଗୁଣନ କଲେ ଯେଉଁ ଅର୍ଥ ହେବ ସେହି ଅନୁଯାଇ ସରକାରଙ୍କ ସମସ୍ତ ଦେୟ ଯଥା Royalty, Addl. Charge, DMF, EMF, Income Tax, Fees for compensatory afforestation etc. ଦାଖଲ କରିବେ । ଉକ୍ତ ରାଶି ପୈଠ ହେଲା ପରେ ଲିଜ ଧାରୀ ଲିଜ ରେଜିଷ୍ଟ୍ରେନ ଆକ୍ଟ 1908 ଓ ଷ୍ଟାମ୍ପ୍ ଆକ୍ଟ 1899 ଅନୁଯାଇ ଚୁକ୍ତିପତ୍ର (Lease Deed) ସମ୍ପାଦନ କରିବେ ।

10. ଲିଜଧାରୀ ଲିଜ୍ ବାବଦକୁ ରୟାଲିଟି ଦେୟର ଶତକଡା 5 ଭାଗ Environment Management Fund ବାବଦକୁ ତହସିଲଦାରଙ୍କ ପାଖରେ ଦାଖଲ କରିବେ ।

11. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶିକୁ ବ୍ୟାଜାପ୍ତ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

12. ଲିଜଧାରୀ ସୈରାତ ଉତ୍ସର ନକ୍ସାନୁଯାୟୀ ପିଲର ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ଏ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

13. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ଉତ୍ସର ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

14. ଯଦି ଉକ୍ତ ଇସ୍ତାହାର କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ର ରହିଛି ।

15. ଲିଜଧାରୀଙ୍କୁ ରୟାଲିଟି ସହିତ ନିର୍ଦ୍ଧାରିତ surface Rent & Dead Rent ମଧ୍ୟ ପୈଠ କରିବାକୁ ପଡିବ ।

16. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

17. କୌଣସି କାରଣ ନ ଦର୍ଶାଇ ନିଲାମ ପରିବର୍ତ୍ତନ ତଥା ବାତିଲ କରିବାର କ୍ଷମତା ଅଧିକାରୀଙ୍କ ପାଖରେ ସଂରକ୍ଷଣ ଅଛି ।

18. ନିଲାମ ପ୍ରକିୟା ସମୟ ରେ ସମସ୍ତ ଆବେଦନକାରୀ COVID-19 ନିୟମ ଅନୁପାଳନ କରିବାକୁ ବାଧ ହେବେ ।

ତହସିଲଦାର,ଭଣ୍ଡାରିପୋଖରୀ

| କ୍ରନଂ | ସୈରାତ କେଶ ନଂ ଓ ବର୍ଷ | ସୈରାତ ଉତ୍ସ ର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | କିସମ | ରକବା | MGQ (Annual) | ସର୍ବନିମ୍ନ Royalty ମୂଲ୍ୟ (cum) | ସର୍ବନିମ୍ନ ଅତିରିକ୍ତ ଦେୟ |
|---|---|---|---|---|---|---|---|---|---|---|
| **1** | **2** | **3** | **4** | **5** | **6** | **7** | **8** | **9** | **10** | **11** |
| **1** | 15/2020-21 | ବୈତରଣୀ ନଦି ବାଲି ଘାଟ, ମଣିନାଥପୁର | ମଣିନାଥପୁର | 242 | 765 (ଆଂଶିକ) | ନଦୀ | ଏ 12.35 (out of Ac 36.56) | 43123 | Rs35/- | Rs 586.20/- |

**Memo No 1877 Dt. 24.08.2021**

Copy Submitted to the Collector, Bhadrak / Sub- Collector, Bhadrak for favour of kind information & necessary action.

**Tahasildar,Bhandaripokhari**

**Memo No 1878 Dt. 24.08.2021**

Copy forwarded to the B.D.O Bhandaripokhari / Executive Officers of all Gram Panchayat All R.I.s of Bhandaripokhari Tahasil for information & they are requested to publish the same in their notice board.

**Tahasildar,Bhandaripokhari**

**Memo No 1879 Dt. 24.08.2021**

Copy Submitted to the D.I.O NIC Collectorate, Bhadrak with request for hosting the copy of the notice in the District Website and the same will be display in Website till date **28.09.2021.**

**Tahasildar,Bhandaripokhari**

**OFFICE OF THE TAHASILDAR BHANDARIPOKHARI**

Letter No **1880** dt **24.08.2021**

**To**

**The Director I & P.R Department**
**Bhubaneswar, Odisha**

**Sub:** Publication of Tender in Daily Odia News Paper.

**Sir,**

In enclosing herewith, the Notice No **1876** Dt.**24.08.2021** of this office regarding inviting of Tender for long term (five years) lease of Maninathpur sand Sairat source. I am to request you to kindly arrange for publication of the same in local Daily Odia Newspaper.

Yours faithfully

**Encl:** As above

24.8.21

**Tahasildar,Bhandaripokhari**

Memo No **1881** dt. **24.08.2021**

Copy submitted to the D.I.P.R.O, Bhadrak for kind information & necessary action.

24.8.21

**Tahasildar,Bhandaripokhari**

**OFFICE OF THE TAHASILDAR BHANDARIPOKHARI**

Letter No **1882** dt. **24.08.2021**

**To**

**The Editor, Daily Odia New paper Pramaya**

**Bhubaneswar.**

**Sub:** Publication of Tender call notice in Daily Odiya News Paper.

**Sir,**

In enclosing herewith, the Notice No 1876 Dt. 24.08.2021 of this office regarding inviting of Tender for long term lease of Maninathpur sand sairat source. I am to request you to kindly arrange for publication of the same at minimum possible price in your Daily Odia Newspaper at an early date.

Yours faithfully

24.8.21

**Tahasildar, Bhandaripokhari**